# ତରବରିଆ 'ରାଜ୍ୟ ଭୂଜଳ ନିୟାମକ' ପ୍ରଣୟନକୁ ସ୍ଥଗିତ ରଖାଯାଉ

## ଓଡ଼ିଶା ଜଳ ମଞ୍ଚ

ଓଡ଼ିଶା ଭୂଜଳ (ନିୟାମକ, ବିକାଶ ଏବଂ ପରିଚାଳନା) ବିଲ୍, ୨୦୧୧, ଚଳିତ ବିଧାନସଭା ଅଧିବେସନରେ ଆଗତ କରାଯାଇଛି । ଓଡ଼ିଶା ଜଳ ମଞ୍ଚ (ଓଡ଼ିଶା ୱାଟର ଫୋରମ) ତରଫରୁ ଏହି ବିଲ୍‌ଟିକୁ ଅଧ୍ୟୟନ କରାଯାଇଛି । ମଞ୍ଚ ଓଡ଼ିଶା ସରକାରଙ୍କର ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ଉଦ୍‌ବେଗ ପ୍ରକାଶ କରିଛି ଯେ ବିଲ୍‌ଟି ଭୂଜଳ ପରିଚାଳନା ସଂକ୍ରାନ୍ତୀୟ ମୌଳିକ ବିଚାର ଗୁଡିକୁ ସଠିକ ଧ୍ୟାନ ଦେଇନାହିଁ । ବିଧାନସଭାରେ ଆଗତ ହୋଇଥିବା ଏହି ବିଲ୍‌ଟିରେ ଭୂଜଳର ଆଇନ୍‌ଗତ ସ୍ଥିତି ସଂକ୍ରାନ୍ତୀୟ ସମସ୍ୟାକୁ ଏକ ମୌଳିକ ସମସ୍ୟା ରୂପେ ବିଚାର କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ଏବଂ ଏଥିରେ ସାମାଜିକ ଓ ପରିବେଶଗତ ସମସ୍ୟା ଆଦି ଦିଗ ପ୍ରତି ଉପଯୁକ୍ତ ବିଚାର ବା ନ୍ୟାୟ ଦିଆଯାଇନାହିଁ । ଏହି ବିଲ୍‌ଟି ପୁଣି ଜୁଲାଇ ୨୯, ୨୦୧୧ରେ ପ୍ରସ୍ତୁତ ହୋଇଥିବା 'ନୂତନ ମଡେଲ ବିଲ୍'ର ଭିତ୍ତିଭୂମି ଉପରେ ଆଧାରିତ ନୁହେଁ ଯେଉଁଥିରେ କି ଏହି ସବୁ ଦିଗ ପ୍ରତି ପ୍ରାୟ ଗୁରୁତ୍ୱ ଦିଆଯାଇଥିଲା ।

୧୯୭୦ ମସିହାରୁ ଭାରତ ସରକାର ଭୂଜଳ ନିୟାମକ ଏବଂ ପରିଚାଳନା ସଂକ୍ରାନ୍ତୀୟ ଆଇନ ପ୍ରଣୟନ ଲାଗି ରାଜ୍ୟ ସରକାରଙ୍କୁ ଦାବି କରିଆସୁଛନ୍ତି । ବିଭିନ୍ନ ସମୟରେ କେତେ ମଡେଲ ବିଲ୍ ପଠାଯାଇ ରାଜ୍ୟ ନିୟାମକ ପ୍ରଣୟନ ଲାଗି ସୁଯୋଗ ସୃଷ୍ଟି କରାଯାଇଛି । ଭାରତ ସରକାର ପ୍ରଥମ କରି ଏହି ଭୂଜଳ ଉପରେ ନିୟାମକ ପ୍ରଣୟନ ଲାଗି ଅନୁଭବ କରିଥିଲେ ଏବଂ ଯା ମଧ୍ୟରେ ଚାରି ଦଶନ୍ଧି ବିତିଗଲାଣି କିନ୍ତୁ ଓଡ଼ିଶା ସରକାର ଏ ଦିଗରେ କୌଣସି ନିୟମ ପ୍ରଣୟନ କରିବାରେ ସଫଳ ହୋଇପାରିନାହାନ୍ତି । ୨୯ ଜୁଲାଇ ୨୦୧୧ରେ ଶେଷ ମଡେଲ ବିଲ୍‌ଟି ବଣ୍ଟାଯାଇଛି । ଏଥିରେ ଭୂଜଳ ସମ୍ବନ୍ଧିତ ଅଧିକାଂଶ ବିଷୟ ଓ ସମସ୍ୟା ଉପରେ ଧ୍ୟାନ ଦିଆଯାଇଛି । କିନ୍ତୁ ଓଡ଼ିଶା ସରକାରଙ୍କ ଦ୍ୱାରା ବିଧାନସଭାରେ ଆଗତ ଏହି ବିଲ୍‌ଟି ପୁରୁଣା ମଡେଲ ବିଲ୍‌କୁ ଆଧାରିତ କରି ପ୍ରସ୍ତୁତ କରାଯାଇଛି ଯେଉଁଥିରେ ଜୁଲାଇ ୨୦୧୧ ମଡେଲ ବିଲ୍‌ର ଇସ୍ୟୁଗୁଡିକୁ ନିଆଯାଇନାହିଁ ।

ଏଣୁ ଓଡ଼ିଶା ଜଳ ମଞ୍ଚ ଏହି ବିଲ୍‌ଟିକୁ କାର୍ଯ୍ୟକାରୀ କରିବାକୁ ବ୍ୟଗ୍ର ନହୋଇ ସ୍ଥଗିତ ରଖିବାକୁ ଆଇନ୍ ପ୍ରଣେତାମାନଙ୍କ ଠାରେ ଦାବି କରିଛି । ମଞ୍ଚ ଦାବି କରିଛି ଯେ ସରକାର ଏହି ଆଇନ୍ ପ୍ରଣୟନ ଲାଗି ଏତେ ଦିନ ବିଳମ୍ବ କରିଥିବା ବେଳେ ଆଉ କିଛି ଦିନ ଅପେକ୍ଷା କରି ଏହାକୁ ଏକ ନ୍ୟାୟସଂଗତ ରୂପ ଦେବା ଲାଗି ଭିନ୍ନ ଭିନ୍ନ ମଞ୍ଚ, ସଂଗଠନ ଆଦିର ପରାମର୍ଶ ନେବା ଆବଶ୍ୟକ । ଏଥିରେ ରାଜ୍ୟର କୌଣସି କ୍ଷତି ଘଟିବ ନାହିଁ ବରଂ ଏକ ସୁସ୍ଥ ଓ ରାଜ୍ୟବାସୀଙ୍କ ଲାଗି ଗ୍ରହଣୀୟ ସୁନ୍ଦର ଭୂଜଳ ଆଇନ ପ୍ରଣୟନ ହୋଇ ପାରିବ ।

ଏହି ବିଲ୍‌ରେ ଏକ 'ଭୂଜଳ ନିୟନ୍ତ୍ରଣ କର୍ତ୍ତୃପକ୍ଷ' (ଜିଡବ୍ଲ୍ୟୁଏ) ଗଠନ ଲାଗି ପ୍ରସ୍ତାବ ରଖାଯାଇଛି, ଯିଏ ବିଜ୍ଞାପିତ ଅଞ୍ଚଳ (ଯେଉଁଠି ପାଣି ଦୁଷ୍ପ୍ରାପ୍ୟ)ମାନଙ୍କର ଭୂଜଳ ନିଷ୍କାସନ ମାତ୍ରାକୁ ଆଇନ ଅନୁଯାୟୀ ନିୟନ୍ତ୍ରଣ କରିବେ। କିନ୍ତୁ, ଭୂଜଳ ଅଧିକାରକୁ ଜନସାଧାରଣଙ୍କ ବିଶ୍ୱାସ ପରିସରକୁ ନଆଣିଲେ ଏହି କର୍ତ୍ତୃପକ୍ଷଙ୍କ ବିରୋଧରେ ଅଦାଲତରେ ପ୍ରତିବାଦ କରାଯାଇପାରିବ । କାରଣ 'ଭାରତୀୟ ଭୂଅଧିକାର ଆକ୍ଟ' ଅନୁଯାୟୀ ଜମି ମାଲିକର ତା'ଜମି ତଳେ ଥିବା ପାଣି ଉପରେ ମଧ୍ୟ ଅଧିକାର ଅଛି । ସେହିପରି ବିଲ୍‌ରେ ଅଧିସୂଚୀତ ଅଞ୍ଚଳରେ କର୍ତ୍ତୃପକ୍ଷଙ୍କ ଅନୁମତିନେଇ ଘରୋଇ ଏବଂ ଚାଷ କାର୍ଯ୍ୟ ଲାଗି ଭୂଜଳ ବ୍ୟବହାର ଉପରେ ଛାଡ ଦିଆଯାଇଛି । କିନ୍ତୁ, ବିଲ୍‌ରେ ଉଲ୍ଲେଖ କରାଯାଇଥିବା 'ଚାଷ'ର ସଂଜ୍ଞା ଅନୁସାରେ ଶିଳ୍ପ ଭିତ୍ତିକ କୃଷି, ବ୍ୟବସାୟିକ କୃଷି ଏବଂ ଅନ୍ୟାନ୍ୟ କୃଷି ଭିତ୍ତିକ ବା ସମ୍ପର୍କୀତ କାର୍ଯ୍ୟକ୍ରମକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ଯେଉଁମାନଙ୍କ ଦ୍ୱାରା ପ୍ରଚୁର ଭୂଜଳ ବ୍ୟବହାର ଲାଗି ନିଷ୍କାସନ କରିବାର ପୂର୍ଣ୍ଣ ଆଶଙ୍କା ରହିଛି । ଏହି ବିଲ୍‌ରେ ପୁଣି ଭୂମିହୀନଙ୍କର ଭୂଜଳ ଉପରେ ଅଧିକାର ବିଷୟରେ କିଛି କୁହାଯାଇନଥିବା ବେଳେ ଏହି ଭୂଜଳ ପରିଚାଳନାରେ ଗ୍ରାମ ପଞ୍ଚାୟତର ଭୂମିକା, ମହିଳାମାନଙ୍କର ତଥା ଆଦିବାସୀଙ୍କର ଅଧିକାର, ସମବଣ୍ଟନ ଏବଂ ପରିବେଶୀୟ ଗୁରୁତ୍ୱ ଉପରେ କିଛି କୁହାଯାଇ ନାହିଁ । ଏହି ବିଲ୍‌ଟିକୁ ସରକାରୀକଳର ଗଣ୍ଡି ଭିତରୁ ବାହାରକୁ ମତାମତ ଲୋଡିବାକୁ ଛଡାଯାଇନାହିଁ, ଯେଉଁଠି ରାଜ୍ୟର ଏକ ବୃହତର ଜନଗୋଷ୍ଠୀ ମଧ୍ୟସ୍ଥ ଏଭଳି କାର୍ଯ୍ୟରେ ସଂପୃକ୍ତ ଥିବା ବହୁ ସଂଗଠନ, ଅନୁଷ୍ଠାନ, ପରିବେଶ୍‌ବିତ୍, ଅଭିଜ୍ଞବ୍ୟକ୍ତି ତଥା ନାଗରିକ ସମାଜ ମଧ୍ୟରୁ ମତାମତ ନିଆଯାଇ ପାରିଥାନ୍ତା । ଫଳତଃ, ଏହା 'ରାଜ୍ୟ ଜଳନୀତି ୨୦୦୭'ର ମୂଲ୍ୟ ବୋଧର ବିରୁଦ୍ଧାଚରଣ କରୁଛି ।

ଏହି ପରିପ୍ରେକ୍ଷୀରେ 'ଓଡିଶା ଜଳମଞ୍ଚ' ତରଫରୁ ରାଜ୍ୟ ଆଇନ ପ୍ରଣେତାମାନଙ୍କୁ ଏତେ ଶୀଘ୍ର ଏହି ବିଲ୍‌ର କାର୍ଯ୍ୟକାରୀତାକୁ ବନ୍ଦ ରଖିବାକୁ ଦାବି କରାଯାଇଛି । ଏହାକୁ ଜୁଲାଇ ୨୯,୨୦୧୧ ମଡେଲ ବିଲ୍ ଅନୁରୂପ ତିଆରି କରିବା ସହିତ ରାଜ୍ୟର ଜନସାଧାରଣ ଏବଂ ଏଥିସହିତ ସମ୍ପୃକ୍ତ ଅନୁଷ୍ଠାନ, ସଙ୍ଗଠନ, ବିଶେଷଜ୍ଞ, କୃଷକ ମଞ୍ଚ ତଥା ଅନ୍ୟମାନଙ୍କର ସୁଚିନ୍ତିତ ମତାମତ ନିଆଯାଇ ଏକ ଗ୍ରହଣୀୟ ଓ ରାଜ୍ୟବାସୀଙ୍କର ସ୍ୱାର୍ଥ ସହାୟକ ଆଇନ ପ୍ରଣୟନ ଲାଗି ଅଧିକ ସମୟ ନିଆଯାଉ ବୋଲି ମଞ୍ଚ ପ୍ରସ୍ତାବ ଦେଇଛି।